# NATIONAL NEWS BULLETIN (ODIA)

## 31 July - 2024

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆସନ୍ତା ଶୁକ୍ରବାର ଦିନ ଆରମ୍ଭ ହେବ ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀ ।

- ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

- କେରଳ ଭୂ-ସ୍ଖଳନରେ ମୃତ୍ୟୁସଂଖ୍ୟା ୧୨୦କୁ ବୃଦ୍ଧି ।

- ତିନିଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଲେ ଭିଏତ୍‌ନାମ ପ୍ରଧାନମନ୍ତ୍ରୀ ।

ଏବଂ

- ଭାରତ-ଶ୍ରୀଲଙ୍କା ୩ଟିକିଆ ଟି-୨୦ ସିରିଜ୍‌କୁ ୩-୦ରେ ଅକ୍ତିଆର କଲା ଭାରତ ।

## ପ୍ରେଜ୍-ଗଭର୍ଣ୍ଣାନ୍ସ କନ୍‌ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଆସନ୍ତା ଶୁକ୍ରବାର ଆରମ୍ଭ ହେବାକୁ ଥିବା ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ପ୍ରଥମଥର ପାଇଁ ଏହି ସମ୍ମିଳନୀ ଆୟୋଜିତ ହେବ । ସମସ୍ତ ରାଜ୍ୟର ରାଜ୍ୟପାଳ ଏଥିରେ ଯୋଗଦେବେ ବୋଲି ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ସୂଚନା ମିଳିଛି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର କେତେକ ସଦସ୍ୟ, ନୀତି ଆୟୋଗର ଉପାଧ୍ୟକ୍ଷ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ୍ ସଚିବାଳୟ ଆଦିର ବରିଷ୍ଠ ପଦାଧିକାରୀ ଯୋଗଦେବେ । ୩ଟିଯାକ ନୂତନ ଅପରାଧିକ ଆଇନ୍, ଉଚ୍ଚଶିକ୍ଷା କ୍ଷେତ୍ରକୁ ଅଧିକ ଉନ୍ନତ କରିବା ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ବଜେଟ୍ ଆଲୋଚନା-ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସରକାର ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଆସନ୍ତା ଆର୍ଥିକ ବର୍ଷରେ ଏହାକୁ ୪ ଦଶମିକ୍ ୫ ପ୍ରତିଶତରୁ ନିମ୍ନ ରଖିବା ପାଇଁ ପଦକ୍ଷେପ ନିଆଯାଇଛି ।

ଲୋକସଭାରେ ଗତକାଲି ବଜେଟ୍ ଆଲୋଚନାର ଉତ୍ତର ଦେଇ ସେ କହିଛନ୍ତି, କୋଭିଡ୍ ମହାମାରୀ ପରେ ଭାରତ ଅର୍ଥନୈତିକ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଆର୍ଥିକ ପ୍ରଗତି ଦିଗରେ ଯୋଗଦାନ ପାଇଁ ଅର୍ଥମନ୍ତ୍ରୀ ଗତ ୩ ବର୍ଷ ମଧ୍ୟରେ ମଧ୍ୟମବର୍ଗ, ଉଦ୍ୟୋଗୀ, କୃଷିଜୀବୀ, ଶ୍ରମଜୀବୀ ଏବଂ ବ୍ୟବସାୟୀ ଗୋଷ୍ଠୀଙ୍କ ସହଯୋଗ ପାଇଁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ବଜେଟ୍‌ରେ କୌଣସି କ୍ଷେତ୍ରକୁ ଉପେକ୍ଷା କରାଯାଇନାହିଁ । ପକ୍ଷପାତିତାନେଇ ବିରୋଧୀଙ୍କ ଅଭିଯୋଗକୁ ଅର୍ଥମନ୍ତ୍ରୀ ଖଣ୍ଡନ କରିବା ସହ କହିଛନ୍ତି ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ । ବଜେଟ୍ ଉପସ୍ଥାପନା ସମୟରେ ନାମ ଉଚ୍ଚାରଣ କରାଯାଇନଥିବା ରାଜ୍ୟ ଗୁଡ଼ିକ ସେମାନଙ୍କ ଅଧିକାର ଏବଂ ରାଜସ୍ୱରୁ ବଞ୍ଚିତ ହେବେ ନାହିଁ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ବଜେଟ୍‌ରେ ଖର୍ଚ୍ଚକାଟ୍ ଅପେକ୍ଷା ଖର୍ଚ୍ଚ ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି । କୃଷି, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବିକାଶ, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ କଲ୍ୟାଣ କ୍ଷେତ୍ର ପାଇଁ ଅଧିକ ଅର୍ଥ ବରାଦ କରାଯାଇଛି ବୋଲି ସେ କହିଛନ୍ତି । ପ୍ରତ୍ୟେକ କ୍ଷେତ୍ରକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ କରାଯାଇଛି । ୨୦୨୦-୨୧ରେ ରହିଥିବା ଆର୍ଥିକ ନିଅଣ୍ଟ ବହୁ ପରିମାଣରେ ହ୍ରାସ ପାଇଛି ବୋଲି ସେ କହିଛନ୍ତି । ପିଏମ୍ କିଶାନ ଯୋଜନାରେ ୧୧କୋଟି କୃଷିଜୀବୀଙ୍କୁ ୩ କୋଟି ୨୦ଲକ୍ଷରୁ ଅଧିକ ଟଙ୍କା

ପ୍ରଦାନ କରାଯାଇଛି । ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଯୁବବର୍ଗଙ୍କ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ସରକାର ହାତକୁ ନେଇଛନ୍ତି ।

ଲୋକସଭାରେ ଗତକାଲି ଜାମ୍ମୁ-କାଶ୍ମୀର ଆପ୍ରୋପ୍ରିଏସନ ବିଲ୍ ୨୦୨୪ ମଧ୍ୟ ପାରିତ ହୋଇଛି ।

## କେରଳ ଭୂସ୍ଖଳନ

କେରଳ ୱାଇନାଡ଼ ଜିଲ୍ଲା ଭୂ-ସ୍ଖଳନ ମୃତ୍ୟୁ ସଂଖ୍ୟା ୧୨୦ରେ ପହଞ୍ଚିଛି । ଆହତ ଲୋକଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଧ୍ୱଂସସ୍ତୁପ ତଳେ ଏବେବି ଲୋକ ପୋତି ହୋଇ ପଡିଥିବା ଆଶଙ୍କା କରାଯାଉଛି । ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ସେନାବାହିନୀକୁ ସାମିଲ କରାଯାଇଛି । ଭୂ-ସ୍ଖଳନ ପ୍ରଭାବିତ ଅଞ୍ଚଳରୁ ୪୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି । ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି । ୪୫ଟି ରିଲିଫ କ୍ୟାମ୍ପରେ ୩ହଜାର ଅଣସ୍ତରୀ ଜଣଙ୍କୁ ଆଶ୍ରୟ ଦିଆଯାଇଛି । ରାଜ୍ୟପାଳ ଆରିଫ ମହମ୍ମଦ ଖାଁ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୱାଇନାଡ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି ।

ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ୍ କହିଛନ୍ତି, ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଗତକାଲି ଏବଂ ଆଜି ଦୁଇ ଦିନ ପାଇଁ ରାଜ୍ୟରେ ଶୋକ ପାଳନ କରାଯାଉଛି । ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ଅଛନ୍ତି । କେରଳର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଥିବା ଜଣାପଡିଛି ।  ରାଜ୍ୟ ସରକାର ଓ୍ୱାଇନାଏ, ଥ୍ରୀଶୁର, କସରଗଡ, ପଥନମଥିଟା, ମାଲାପୁରମ, କନ୍ନୁର, ଏର୍ଣ୍ଣାକୁଲମ, ଇଡୁକି, ପାଲାକଡ ଏବଂ କୋଝିକୋଡେ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟ ପକ୍ଷରେ ଭାରତୀୟ ପାଣିପାଗ ବିଭାଗ କହିଛି, କେରଳରେ ଆହୁରି ବର୍ଷା ହୋଇପାରେ । ବର୍ଷା ପରିମାଣକୁ ଦୃଷ୍ଟିରେ ରଖି ଆଜି ପାଇଁ ୮ଟି ଜିଲ୍ଲାକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

## ଧର୍ମେନ୍ଦ୍ର ପ୍ରଧାନ-ପୋର୍ଟାଲ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ନୂଆଦିଲ୍ଲୀଠାରେ ଜାତୀୟ ଆପ୍ରେଣ୍ଟିସିପ୍ ଏବଂ ତାମିଲ ଯୋଜନା '୨ଦଶମିକ ଶୂନ' ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ଏଥିସହ ସିଧାସଳଖ ଅର୍ଥ ପ୍ରଦାନ ଯୋଜନା ଅଧୀନରେ ୧୦୦ କୋଟି ଟଙ୍କାର ଷ୍ଟାଇପେଣ୍ଡ ଶିକ୍ଷାର୍ଥୀଙ୍କୁ ପ୍ରଦାନ କରିଛନ୍ତି । ସୂଚନା, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ଅଟୋମୋବାଇଲ

ଆଦି କ୍ଷେତ୍ରରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଯୁବବର୍ଗଙ୍କ ଦକ୍ଷତା ଓ ନିଯୁକ୍ତି ଉପରେ ସରକାରଙ୍କ ଗୁରୁତ୍ୱକୁ ଏହା ପ୍ରତିଫଳନ କରୁଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଏହି ପୋର୍ଟାଲ ଆପ୍ରେଣ୍ଟିସିପ୍ ସୁଯୋଗକୁ ଅଧିକ ବ୍ୟାପକ କରିବା ସହ ପ୍ରାର୍ଥୀ ଏବଂ ନିଯୁକ୍ତି ଦାତାଙ୍କ ମଧ୍ୟରେ ଦୂରତ୍ୱକୁ ହ୍ରାସ କରିବ । ଚଳିତବର୍ଷର ବଜେଟ୍‌ରେ ଦକ୍ଷତା ଏବଂ ରୋଜଗାର ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ । ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପସଂସ୍ଥା ଗୁଡ଼ିକ ଏହି ପୋର୍ଟାଲ ସହ ଯୋଡ଼ିହେବାକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଏହି ସମାରୋହରେ ଯୋଗଦେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ପ୍ରଫେସର ଏମ୍. ଜଗଦେଶ କୁମାର ସରକାରଙ୍କର ଏଭଳି ପଦକ୍ଷେପର ଉଚ୍ଚ ପ୍ରଶଂସା କରିଛନ୍ତି । ଯୁବବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଏହା ଏକ ସଫଳ ପଦକ୍ଷେପ ବୋଲି ସେ କହିଛନ୍ତି ।

## ଭିଏତନାମ୍-ପିଏମ୍ ଭିଜିଟ୍

ଭିଏତ୍‌ନାମ୍ ପ୍ରଧାନମନ୍ତ୍ରୀ ପାମ୍ ମିନ୍ ଚୀନ୍ ତିନିଦିନିଆ ଭାରତ ଗସ୍ତରେ ଆସି ଗତରାତିରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଆସିଛନ୍ତି । ସେମାନଙ୍କ ମଧ୍ୟରେ ଭିଏତ୍‌ନାମ୍ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବ୍ୟବସାୟୀ ଗୋଷ୍ଠୀ ସାମିଲ ଅଛନ୍ତି । ତାଙ୍କ ଗସ୍ତ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି କେନ୍ଦ୍ର ବୈଦେଶିକ

ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍‌ଘେରିଟା ପ୍ରଧାନମନ୍ତ୍ରୀ ଚୀନ୍‌ଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ । ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଭିଏତ୍‌ନାମ ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତର ଲକ୍ଷ୍ୟ ବୋଲି ସେ କହିଛନ୍ତି ।

ରାଜଘାଟଠାରେ ମହାତ୍ମା ଗାନ୍ଧିଙ୍କ ସମାଧି ସ୍ଥଳରେ ସେ ଶ୍ରଦ୍ଧାସୁମନ ଅର୍ପଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ ।

## ଇସ୍ରାଏଲ-ଲେବାନନ୍ ଆଟାକ୍

ଲେବାନନ୍‌ର ରାଜଧାନୀ ବେରୁଟ୍ ଉପରେ ଇସ୍ରାଏଲ ବାୟୁସେନା ପକ୍ଷରୁ ଆକ୍ରମଣ କରାଯାଇଛି । ଜଣେ ହିଜ୍‌ବୁଲ୍ଲା ବରିଷ୍ଠ କମାଣ୍ଡରଙ୍କୁ ଲକ୍ଷ୍ୟକରି ଏହି ଆକ୍ରମଣ କରାଯାଇଥିବା ଜଣାପଡିଛି । ନିକଟରେ ଇସ୍ରାଏଲର ଗୋଲାନହାଇଟ୍‌ସ୍ଥିତ ଖେଳପଡ଼ିଆ ଉପରେ ରକେଟ୍ ଆକ୍ରମଣରେ ଏହି କମାଣ୍ଡରଙ୍କର ସମ୍ପୃକ୍ତି ଥିବାରୁ ଇସ୍ରାଏଲ ପକ୍ଷରୁ ଏଭଳି ଆକ୍ରମଣ ହୋଇଛି । ଲେବାନନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଫିରାସ ଆବିୟାଦ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଏହି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହେବା ସହ ୩୫ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୩ଜଣଙ୍କର ଅବସ୍ଥା ଗୁରୁତର ରହିଛି ।

ଅନ୍ୟପକ୍ଷରେ ଇସ୍ରାଏଲର ଜଣେ ଅଧିକାରୀ କହିଛନ୍ତି ହିଜ୍‌ବୁଲ୍ଲା ବରିଷ୍ଠ କମାଣ୍ଡର ଫୁଆଦ ଶୁକ୍ରକୁ ଲକ୍ଷ୍ୟକରି ଏହି ଆକ୍ରମଣ କରାଯାଇଥିଲା । ଗୋଲାନହାଇଟ୍ସଠାରେ ହୋଇଥିବା ରକେଟ୍ ଆକ୍ରମଣରେ ଇସ୍ରାଏଲ ହିଜ୍‌ବୁଲ୍ଲାକୁ ଦାୟୀ କରିଛି । କିନ୍ତୁ ଏହି ଆକ୍ରମଣରେ ସମ୍ପୃକ୍ତି ନେଇ ହିଜ୍‌ବୁଲ୍ଲା ଅସ୍ୱୀକାର କରିଛି । ତେବେ ଲେବାନନ୍‌ର ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ବରିଷ୍ଠ କମାଣ୍ଡର ଶୁକ୍ର ଏହି ଆକ୍ରମଣରୁ ବର୍ତ୍ତି ଯାଇଛି । ସୂଚନାଯୋଗ୍ୟ ରକେଟ୍ ଆକ୍ରମଣ ଦ୍ୱାରା ଇସ୍ରାଏଲର ଗୋଲାନହାଇଟ୍ସର ଏକ ପଡ଼ିଆରେ ଖେଳୁଥିବା ୧୨ଜଣଙ୍କର ମୃତ୍ୟୁ ହୋଇଥିଲା ।

## ଅଲମ୍ପିକ୍ସ

ଏଥର ପ୍ୟାରିସ୍ ଅଲମ୍ପିକ୍ସ ସମ୍ପର୍କିତ ଖବର । ପୁରୁଷ ମିଳିତବର୍ଗ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ଚିରାଗ ସେଠୀ ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡିଙ୍କ ଯୋଡ଼ି ଗ୍ରୁପ୍-ସିର ଶୀର୍ଷସ୍ଥାନ ସହ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଗତକାଲିର ମ୍ୟାଚ୍‌ରେ ଇଣ୍ଡୋନେସିଆ ଯୋଡ଼ିଙ୍କୁ ସିଧାସଳଖ ୨୧-୧୩, ୨୧-୧୩ ସେଟ୍‌ରେ ପରାସ୍ତ କରି ଭାରତୀୟ ଯୋଡ଼ି ଏହି ସଫଳତା ପାଇଛନ୍ତି ।

ହକି ପ୍ରତିଯୋଗିତାରେ ଭାରତ ଆର୍ୟଲ୍ୟାଣ୍ଡକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ଭାରତୀୟ କ୍ୟାପ୍‌ଟେନ୍ ହରମନପ୍ରୀତ ସିଂହ ପ୍ରଥମାର୍ଦ୍ଧରେ

୨ଟିଯାକ ଗୋଲସ୍କୋର କରିଥିଲେ । ତୀରଚାଳନା ପ୍ରତିଯୋଗିତାରେ ଭଜନ କୌର ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

ଟେବୁଲ ଟେନିସ୍ ପ୍ରତିଯୋଗିତାରେ ମନିକା ବାତ୍ରା ଏକକ ବର୍ଗରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଗତକାଲିର ମ୍ୟାଚ୍‌ରେ ଫ୍ରାନ୍ସର ପ୍ରତିଯୋଗୀଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ସେ ଏହି ସଫଳତା ପାଇଛନ୍ତି ।

୧୦ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ମନୁ ଭାକର ଗତକାଲି ତାଙ୍କର ଦ୍ୱିତୀୟ ପଦକ ହାସଲ କରିଛନ୍ତି । ମନୁଭାକର ଏବଂ ସରବଜିତ ସିଂହଙ୍କ ଯୋଡ଼ି ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଛନ୍ତି ।

# କ୍ରିକେଟ୍

ଭାରତ-ଶ୍ରୀଲଙ୍କା ୩ଟିକିଆ ଟି-୨୦ ସିରିଜ୍‌କୁ ୩-୦ରେ ଭାରତ ଅକ୍ତିଆର କରିଛି । ଶ୍ରୀଲଙ୍କାର ପାଲକେଲ ଷ୍ଟାଡିୟମଠାରେ ଗତକାଲି ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚ୍‌ରେ ସୁପର ଓଭର ପର୍ଯ୍ୟାୟରେ ଭାରତ ଶ୍ରୀଲଙ୍କାକୁ ହରାଇଛି । ସୁପର ଓଭରରେ ଶ୍ରୀଲଙ୍କା ୨ରନ୍ କରି ୨ଟି ୱିକେଟ୍ ହରାଇଥିବାବେଳେ ଭାରତ ପ୍ରଥମ ବଲ୍‌ରେ ବିଜୟ ହାସଲ କରିଥିଲା । ଶ୍ରୀଲଙ୍କା ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆହ୍ୱାନ ଦେଇଥିଲା । ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଭାରତ ନିର୍ଦ୍ଧାରିତ ୨୦

ଓଭରରେ ୯ଓ୍ୱିକେଟ୍ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲା । ୧୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଶ୍ରୀଲଙ୍କା ମଧ୍ୟ ୮ ଓ୍ୱିକେଟ୍‌ରେ ୧୩୭ ରନ୍ କରିଥିଲା । ଫଳରେ ମ୍ୟାଚ୍‌ର ଫଳାଫଳ ପାଇଁ ସୁପର ଓଭରର ଆଶ୍ରୟ ନିଆଯାଇଥିଲା । ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟାର ଅଫ୍ ଦି ସିରିଜ୍ ଏବଂ ଓ୍ୱାଶିଂଟନ୍ ସୁନ୍ଦରଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଦୁଇଦଳ ମଧ୍ୟରେ ଆୟୋଜିତ ହେବାକୁ ଥିବା ତିନିଟିକିଆ ଦିନିକିଆ ଆନ୍ତର୍ଜାତୀୟ ସିରିଜ୍ ପାଇଁ ଭାରତ-ଶ୍ରୀଲଙ୍କା କଲମ୍ବୋରେ ପହଞ୍ଚିଛନ୍ତି । ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ଏହି ଦିନିକିଆ ସିରିଜ୍ ଖେଳିବ ।